ସମ୍ବାଦ

# ଏସ୍‌ସିବି ମେଡିକାଲ୍‌ରେ ବିଶ୍ୱ ରକ୍ତଦାତା ଦିବସ



କଟକ, ୨୬।୧୦(ଇମିସ): ଏସ୍‌ସିବି ମେଡିକାଲ କଲେଜର ଟ୍ରାନ୍ସଫ୍ୟୁଜନ୍ ମେଡିସିନ ବିଭାଗ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ କଲେଜ ପ୍ରେକ୍ଷାଳୟରେ ପାଳିତ ହୋଇଛି। ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସ୍ମିତା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ତିନ୍ ପ୍ରଫେସର ଡାକ୍ତର ସତ୍ୟ ନାରାୟଣ ରାଉତରାୟ, ସମ୍ମାନିତ ଅତିଥି ଭାବେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଶୁଧାଂଶୁ ଶେଖର ମିଶ୍ର, ରାଜ୍ୟ ରକ୍ତ ସଂଚାଳନ ପରିଷଦ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ରାଜ୍ୟ ନିରାମୟ ଉପଦେଷ୍ଟା ଡକ୍ଟର ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ରକ୍ତସଂଗ୍ରହ କାର୍ଯ୍ୟରେ ସ୍ୱେଚ୍ଛାକୃତ ରକ୍ତଦାତା ଓ ଆୟୋଜକଙ୍କ ପ୍ରମୁଖ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶହେରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାତା ଓ ଆୟୋଜକଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ, ସମ୍ବାଦ-ଆମ ଓଡ଼ିଶା, ନାରାୟଣୀ-ଅନ୍ନପୂର୍ଣ୍ଣା ପିପୁଲ୍‌ସ ସୋସାଇଟି, ହିନ୍ଦୁସେନା, ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ, ନାରାୟଣ ଚାରିଟେବୁଲ ଟ୍ରଷ୍ଟ, ନୂଆପାଟଣା ପପୁଲାର କ୍ଲବ୍, ବିଜୟାନନ୍ଦ ଯୁବ ପରିଷଦ, ସାବିତ୍ରୀ ଜନସେବା, ପରିବର୍ତ୍ତନ ଫାଉଣ୍ଡେସନ, ଦୁଃଖୀ ସମାଜ, ଏସ୍‌ସିବି ଛାତ୍ର ସଂସଦ, ଆମ ଓଡ଼ିଶା ସଂଯୋଜକ ଜ୍ଞାନରଂଜନ ରାଉତରାୟ, ଚୌଦ୍ୱାର-କଟକ ଜୀବନ ବିନ୍ଦୁ ସଂଯୋଜକ ଦିଲ୍ଲୀପ୍ କୁମାର ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଡାକ୍ତର ବିନୟ ଭୂଷଣ ସାହୁ, ଡାକ୍ତର ସଂଗୀତ ସମାଦ୍, ଡାକ୍ତର ନିର୍ମଳା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାକ୍ତର ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏସ୍‌ସିବି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନା ଶୋଭାଯାତ୍ରା ମେଡିକାଲ ପରିସର ପରିକ୍ରମା କରିଥିଲା। ରକ୍ତଦାନ ଶିବିର ସଂଯୋଜକ ନିରଞ୍ଜନ ପଟ୍ଟନାୟକ, ବିଜୟାନନ୍ଦ ଯୁବ ପରିଷଦ ସଂପାଦକ ବିଶ୍ୱରଞ୍ଜନ ସାହୁ, ସମାଜସେବୀ ବିକ୍ରମ୍ ଛାଟୋଇ, ସନ୍ଦୀପ ରଞ୍ଜନ ରଥ, ପପୁଲାର କ୍ଲବ୍ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ସାହୁ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।



